# ସ୍ୱୟମ୍ – ସ୍ୱତନ୍ତ୍ର ଯୁବ ଉଦ୍ୟମୀ ଯୋଜନା ସମ୍ବନ୍ଧୀୟ ଜାଣିବା ତଥ୍ୟ

**୧. 'ସ୍ୱୟମ' ଯୋଜନା କହିଲେ କଣ ବୁଝାଏ ?**

ଏହି ଯୋଜନାରେ ରାଜ୍ୟର ୧୮-୩୫ ବର୍ଷ ବୟସ୍କ (ସ୍ୱତନ୍ତ୍ର ବର୍ଗଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ୪୦) ଆଗ୍ରହୀ ଯୁବକଯୁବତୀମାନଙ୍କୁ ଏକ ନୂଆ ବ୍ୟବସାୟ ଆରମ୍ଭ କରିବା ଅଥବା ଚାଲୁ ରହିଥିବା କ୍ଷୁଦ୍ର ବ୍ୟବସାୟକୁ ବଢାଇବା ନିମନ୍ତେ ବ୍ୟାଙ୍କରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ବିନା ସୁଧରେ ଋଣ ପ୍ରଦାନ କରାଯାଇଥାଏ ।

**୨. ସ୍ୱତନ୍ତ୍ର ବର୍ଗ କହିଲେ କଣ ବୁଝାଏ ?**

ସ୍ୱତନ୍ତ୍ର ବର୍ଗ କହିଲେ ଅନୁସୂଚିତ ଜାତି/ଜନଜାତି/ଭିନ୍ନକ୍ଷମ/କିନ୍ନରମାନଙ୍କୁ ବୁଝାଏ ।

**୩. ଏହି ଯୋଜନାରେ ମିଳୁଥିବା ସୁବିଧା ଅନ୍ୟ ବ୍ୟାଙ୍କ ଋଣ ଠାରୁ କିପରି ଭିନ୍ନ ଅଟେ ?**

ଏହି ଯୋଜନାଟି ନିମ୍ନ ପ୍ରକାରେ ଅନ୍ୟ ଋଣ ଯୋଜନାଠାରୁ ଭିନ୍ନ-

- ଏଥିରେ ମୂଳଜମା (Margin Money) ମାତ୍ର ୫% ଅଟେ ।
- ଏହି ଋଣର ସମ୍ପୂର୍ଣ୍ଣ ସୁଧ ଭାର ରାଜ୍ୟ ସରକାର ବହନ କରିଥାଆନ୍ତି, ଯେଉଁଥି ପାଇଁ ଋଣଗ୍ରହୀତାଙ୍କୁ ଋଣର ସୁଧ ଦେବାକୁ ପଡି ନଥାଏ ।
- ଏହି ଋଣ ପାଇଁ ବ୍ୟାଙ୍କରେ କୌଣସି ବନ୍ଧକ ରଖିବାକୁ ପଡି ନଥାଏ ।
- ବ୍ୟାଙ୍କରୁ ଋଣ ପାଇବା ପାଇଁ କୌଣସି ପ୍ରୋସେସିଂ (processing) ଦେୟ ମଧ୍ୟ ଦେବାକୁ ପଡିନଥାଏ ।

**୪. କେଉଁମାନେ ଏହି ଯୋଜନାରେ ଉପକୃତ ହେବାପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି ?**

- ୧୮ ରୁ ୩୫ ବର୍ଷ ବୟସ ପର୍ଯ୍ୟନ୍ତ ଆଗ୍ରହୀ ଯୁବକଯୁବତୀ । (ଅନୁସୂଚିତ ଜାତି/ ଜନଜାତି/ ଭିନ୍ନକ୍ଷମ/ କିନ୍ନରଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୪୦ ବର୍ଷ)
- 'କାଳିଆ', 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ' ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ପରିବାର କିମ୍ବା ଗ୍ରାମାଞ୍ଚଳରେ ୨ ଲକ୍ଷ ଟଙ୍କା ଏବଂ ସହରାଞ୍ଚଳରେ ୩ ଲକ୍ଷ ଟଙ୍କାରୁ କମ୍ ବାର୍ଷିକ ଆୟ ଥିବା ପରିବାର ।
- 'ଉଦ୍ୟମ' ଯୋଜନାରେ ପଞ୍ଜୀକୃତ କିମ୍ବା ସହାୟକ ନମ୍ବର ଧାରୀ ଯୁବକଯୁବତୀ ।

**୫. କେଉଁ ମାନେ ଏହି ଯୋଜନାରୁ ବାଦ୍ ହେବେ ?**

- ଯଦି ପୂର୍ବରୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ କୌଣସି ଯୋଜନାରୁ ସମାନ ପ୍ରକାରର ବ୍ୟବସାୟ ପାଇଁ ଋଣ ନେଇ ତାକୁ ପରିଶୋଧ କରିନଥାନ୍ତି ଅଥବା ବ୍ୟାଙ୍କ/ଅନ୍ୟ ଆର୍ଥିକ ଅନୁଷ୍ଠାନରୁ ଋଣ ନେଇ ଖିଲାପକାରୀ ହୋଇଥାଆନ୍ତି ।
- ଯଦି ନିଜେ ଆବେଦନକାରୀ କିମ୍ବା ତାଙ୍କ ପରିବାରର ଅନ୍ୟ କେହି ସଦସ୍ୟ କେନ୍ଦ୍ର /ରାଜ୍ୟ ସରକାର / ରାଷ୍ଟ୍ରୀୟ ଉଦ୍ୟୋଗ /ବୈଧାନିକ ଅନୁଷ୍ଠାନର ନିୟମିତ କର୍ମଚାରୀ ହୋଇଥିବେ।
- ଯଦି ପରିବାରର ଅନ୍ୟ କୌଣସି ସଦସ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବେ ।

**୬. ଏଠାରେ ପରିବାର କହିଲେ କଣ ବୁଝାଏ ?**

ଏଠାରେ 'ପରିବାର' କହିଲେ ନିଜକୁ ଏବଂ ନିଜର ସ୍ୱାମୀ / ସ୍ତ୍ରୀ ଙ୍କୁ ବୁଝାଏ ।

**୭. କେଉଁ ବ୍ୟବସାୟ କ୍ଷେତ୍ରପାଇଁ ଏହି ଯୋଜନାରେ ଋଣ ମିଳିଥାଏ ?**

ନିର୍ମାଣ / ସେବା ପ୍ରଦାନ / ବାଣିଜ୍ୟ / ବ୍ୟବସାୟ ଆଦି ଯେକୌଣସି ଆୟ ବୃଦ୍ଧିକାରୀ ନୂଆ କିମ୍ବା ଚାଲୁରହିଥିବା କ୍ଷୁଦ୍ର ବ୍ୟବସାୟ ପାଇଁ ଏହି ଋଣ ମିଳିଥାଏ ।

**୮. କେଉଁ ପ୍ରକାରର ବ୍ୟବସାୟ ପାଇଁ ଏହି ଯୋଜନାରେ ଋଣ ମିଳିଥାଏ ?**

**ନିର୍ମାଣ କ୍ଷେତ୍ର**

| | |
|---|---|
| ଅଗରବତୀ | ଆସବାବପତ୍ର |
| ଚାନ୍ଦୁଆ | ଗେଟ୍ସ ଏବଂ ଗ୍ରିଲ୍ |
| ବାଉଁଶରୁ ନିର୍ମିତ ଉତ୍ପାଦ | ହସ୍ତତନ୍ତ |
| ସିମେଣ୍ଟ ଉତ୍ପାଦ | ତରଳ ଡିଟରଜେଣ୍ଟ |
| ମାଟି / ଝୋଟ ଉତ୍ପାଦ | ରଙ୍ଗ କାମ |
| ଦୁଗ୍ଧ ଉତ୍ପାଦ | କୁମ୍ଭାର / ଟେରାକୋଟା |
| ରୂପା ଓ ତାରକସି କାମ | ସାଲ୍ ପତ୍ର ପ୍ଲେଟ୍ ତିଆରି |
| ଖାଦ୍ୟ ଉତ୍ପାଦ ପ୍ରସ୍ତୁତି | ଅନ୍ୟାନ୍ୟ |

**ସେବା ପ୍ରଦାନ**

| | |
|---|---|
| ବିୟୁଟି ପାର୍ଲର/ ସେଲୁନ / ସ୍ପା | ମାନବ ସମ୍ବଳ ନିୟୋଜନ |
| ଗୋ / ମାଛ ଖାଦ୍ୟ | ମୋବାଇଲ୍ ମରାମତି |
| ସାଇକେଲ ମରାମତି ଓ ସ୍ପେୟର ପାର୍ଟସ | ନର୍ସରୀ / ବଗିଚା ଉପକରଣ |
| ସାଇବର କାଫେ | ଟେଣ୍ଟ ହାଉସ୍ |
| ଇଲେକ୍ଟ୍ରି ମରାମତି ଦୋକାନ | ସିଲେଇ/ ହ୍ୟାଣ୍ଡ ଏମ୍ବ୍ରୋଡେରୀ / ବାଟିକ୍ ପ୍ରିଣ୍ଟ |
| ହୋମ୍ ଡେଲିଭରୀ | ଜେରକ୍ସ ଓ ଲାମିନେସନ୍ |
| ସୂଚନା ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ | ଅନ୍ୟାନ୍ୟ |
| ଲଣ୍ଡ୍ରି ଓ ଡ୍ରାଏ କ୍ଲିନ | |

**କ୍ଷୁଦ୍ର ବ୍ୟବସାୟ**

| | |
|---|---|
| ବେକେରୀ | ହୋସେରୀ ଦୋକାନ |
| ପାନ ଦୋକାନ /ଚା ଷ୍ଟଲ୍ | ଧାନ କଳ |
| ବହି/ଷ୍ଟେସନାରୀ/ଉପହାର ଦୋକାନ | ରେଷ୍ଟୁରାଣ୍ଟ /ଟିଫିନ୍ ଷ୍ଟଲ୍/ ମିଠା ଦୋକାନ |
| କସମେଟିକ୍ସ ଦୋକାନ | ଜୋତା ଦୋକାନ ଓ ମରାମତି |
| ଇଲେକ୍ଟ୍ରି ସାମଗ୍ରୀ ଦୋକାନ | ମସଲା /ଅଟା କଳ |
| ଇଲେକ୍ଟ୍ରି ତାର ଓ ସ୍ପେୟର ପାର୍ଟସ | ଫଟୋ ଷ୍ଟୁଡିଓ |
| ଫାଷ୍ଟଫୁଡ୍ | ବାସନ ଦୋକାନ |
| ଆସବାବପତ୍ର ଦୋକାନ | ହୋମ ଡେଲିଭରୀ ସହିତ ଭେରାଇଟି ଷ୍ଟୋର |
| ତେଜରାତି  ଦୋକାନ | ପନିପରିବା ଦୋକାନ |
| ହାର୍ଡୱେର୍ ଦୋକାନ | ଘଣ୍ଟା ଦୋକାନ |
| ଘର ସାଜସଜ୍ଜା ସାମଗ୍ରୀ | ଅନ୍ୟାନ୍ୟ |

**ବାଣିଜ୍ୟ**

- ଷ୍ଟକ୍ ବ୍ୟବସାୟ
- ବସ୍ତ୍ରାଳୟ
- ଅନ୍ୟାନ୍ୟ

ଉପର ଲିଖିତ ବ୍ୟବସାୟ ଦୃଷ୍ଟାନ୍ତ ଆକାରରେ ପ୍ରଦାନ କରାଯାଇଛି । ତାଲିକା ବ୍ୟତୀତ ଅନ୍ୟ କ୍ଷୁଦ୍ର ବ୍ୟବସାୟ ମଧ୍ୟ ଋଣଗ୍ରହୀତା କରିପାରିବେ ।

**୯. ଋଣ ପାଇବା ପାଇଁ ଆବେଦନକାରୀଙ୍କୁ ପଞ୍ଜୀକରଣ କରିବାକୁ ପଡେ କି ?**

ଆବେଦନକାରୀଙ୍କୁ **swayam.odisha.gov.in** କୁ ଯାଇ Registration ବଟନ୍ କୁ କ୍ଲିକ କରି ଦରଖାସ୍ତ ଫର୍ମ ପୂରଣ କରି ସର୍ବ ପ୍ରଥମେ ନିଜର ନାମ ପଞ୍ଜୀକରଣ କରିବାକୁ ପଡିଥାଏ । ପଞ୍ଜୀକରଣ ସମୟରେ ତାଙ୍କର ମୋବାଇଲ ନମ୍ବରକୁ ଏକ OTP ଆସିଥାଏ, ଯାହାକୁ ପୋର୍ଟାଲରେ ଉଲ୍ଲେଖ କରିବା ପରେ ପଞ୍ଜୀକରଣ ସଫଳ ହୋଇଥାଏ ।

**୧୦. ଋଣ ପାଇଁ ଦରଖାସ୍ତ କିପରି ଓ କାହାକୁ ଦାଖଲ କରିବେ ?**

ପଞ୍ଜୀକରଣ ପରେ ପୂର୍ବ ପରି **swayam.odisha.gov.in** କୁ ଯାଇ ଆବେଦନକାରୀଙ୍କୁ ନିଜର ଆଧାର ନମ୍ବର User ID ରୂପେ ବ୍ୟବହାର କରି, ଆବଶ୍ୟକ କାଗଜପତ୍ର ଦାଖଲ କରି ନିଜ ଆବେଦନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବାକୁ ପଡେ। ଏହି ଦରଖାସ୍ତ, ପୋର୍ଟାଲ  ମାଧ୍ୟମରେ  ଆବେଦନକାରୀ

ଚୟନ କରିଥିବା ବ୍ୟାଙ୍କ ନିକଟରେ ଦାଖଲ ହୋଇଥାଏ । ପରବର୍ତ୍ତୀ ସମୟରେ ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀ କାଗଜପତ୍ର ଓ କ୍ଷେତ୍ର ପରିଦର୍ଶନ କରି ଋଣ ମଞ୍ଜୁର କରିଥାନ୍ତି ।

**୧୧. ଗ୍ରାମାଞ୍ଚଳରେ ଯୁବକଯୁବତୀ ଅନ୍ୟ କେଉଁ ଉପାୟରେ ଆବେଦନ କରିପାରିବେ କି?**

ଗ୍ରାମାଞ୍ଚଳରେ ଯୁବକଯୁବତୀ **swayam.odisha.gov.in** ୱେବସାଇଟ୍ ଜରିଆରେ ନିଜେ ଅଥବା 'ମୋ ସେବା କେନ୍ଦ୍ର' ସହାୟତାରେ ଆବେଦନ କରିପାରିବେ ।

**୧୨. ସହରାଞ୍ଚଳର ଯୁବକଯୁବତୀଙ୍କ ପାଇଁ ଆବେଦନ ପ୍ରକ୍ରିୟା ଭିନ୍ନ କି?**

ସହରାଞ୍ଚଳରେ ଆବେଦନକାରୀ ନିଜ ଆବେଦନକୁ ବିଜ୍ଞାପିତ ଅଞ୍ଚଳ ପରିଷଦ/ପୌର ପରିଷଦ/ମହାନଗର ନିଗମ କାର୍ଯ୍ୟାଳୟରେ ମଧ୍ୟ ଦାଖଲ କରିପାରିବେ ।

**୧୩. ଆବେଦନକାରୀଙ୍କୁ ଆବେଦନ ସମୟରେ କେଉଁ ସବୁ କାଗଜପତ୍ର ଦାଖଲ କରିବାକୁ ପଡିଥାଏ ?**

ଆବେଦନକାରୀଙ୍କୁ ଆବେଦନ ସମୟରେ ନିମ୍ନ ଲିଖିତ କାଗଜ ପତ୍ର ଦାଖଲ କରିବାକୁ ପଡିଥାଏ :-

- ଆବେଦନକାରୀଙ୍କ ପାସପୋର୍ଟ ସାଇଜ ଫଟୋ
- ବୟସ ପ୍ରମାଣପତ୍ର (ଆଧାର କାର୍ଡ/ଭୋଟର ଆଇଡି/ପ୍ୟାନ କାର୍ଡ/ଦଶମ ବୋର୍ଡ ସାର୍ଟିଫିକେଟ/ଜନ୍ମ ପ୍ରମାଣପତ୍ର)
- ବାସସ୍ଥାନ ପ୍ରମାଣପତ୍ର (ଆଧାର କାର୍ଡ/ତହସିଲଦାରଙ୍କ ଦ୍ଵାରା ଦିଆଯାଇଥିବା ବାସସ୍ଥାନ ପ୍ରମାଣପତ୍ର/ଭୋଟର ଆଇଡି/ଡ୍ରାଇଭିଂ ଲାଇସେନ୍ସ/ବିଦ୍ୟୁତ ବିଲ/ରାସନ କାର୍ଡ)
- ବାର୍ଷିକ ଆୟ ପ୍ରମାଣପତ୍ର/ବିଜୁ ସ୍ଵାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ/କାଳିଆ ଯୋଜନା କାର୍ଡ
- UDYM ପଞ୍ଜୀକରଣ/ ଆସିଷ୍ଟେଡ ସାର୍ଟିଫିକେଟ
- ଜାତି/ଭିନ୍ନକ୍ଷମ ପ୍ରମାଣପତ୍ର
- କିନ୍ନରଙ୍କ ଦ୍ଵାରା ନିଜସ୍ଵ ଘୋଷଣାନାମା ।

**୧୪. କ) ଜାତିଗତ ପ୍ରମାଣପତ୍ର କେଉଁଠାରୁ ମିଳେ?**

ତହସିଲ କାର୍ଯ୍ୟାଳୟରୁ ଜାତିଗତ ପ୍ରମାଣପତ୍ର ମିଳିଥାଏ।

**ଖ) ଋଣ ଆବେଦନକାରୀ ଭିନ୍ନକ୍ଷମ ପ୍ରମାଣପତ୍ର କେଉଁଠାରୁ ପାଇବେ?**

ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଥାନ୍ତି ।

**୧୫. ଉଦ୍ୟମ ପଞ୍ଜୀକରଣ କିପରି ହୁଏ ?**

ଯେଉଁମାନଙ୍କର ଉଦ୍ୟମ ପଞ୍ଜୀକରଣ ହୋଇନାହିଁ ସେମାନେ **udyamregistration.gov.in/UdyamRegistration.asx** ମାଧ୍ୟମରେ ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ। ଏହି ପଞ୍ଜୀକରଣ ପାଇଁ ଆବେଦନକାରୀ ମୋ ସେବା କେନ୍ଦ୍ରର ସହାୟତା ନେଇ ପାରିବେ ।

**୧୬. ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା କାଗଜପତ୍ରର ଯାଞ୍ଚ ହୋଇଥାଏ କି ?**

ଦାଖଲ ହୋଇଥିବା କାଗଜପତ୍ରଗୁଡ଼ିକର ନକଲ ବ୍ୟାଙ୍କସ୍ତରରେ ମୂଳ (Original) ଦସ୍ତାବିଜ ସହ ଯାଞ୍ଚ କରାଯାଇଥାଏ ।

**୧୭. ପୂର୍ବରୁ ସମାନ ପ୍ରକାରର ବ୍ୟବସାୟ ପାଇଁ ଅନ୍ୟ କୌଣସି ଋଣ ନେଇଥିଲେ ଏହି ଯୋଜନାରେ ଋଣ ମିଳିପାରିବ କି?**

ପୂର୍ବରୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ କୌଣସି ଯୋଜନାରୁ ସମାନ ପ୍ରକାରର ବ୍ୟବସାୟ ପାଇଁ ଋଣ ନେଇ ତାକୁ ସମ୍ପୂର୍ଣ୍ଣ ପରିଶୋଧ କରିସାରିଥିଲେ, ଏହି ଯୋଜନାରେ ପୁନର୍ବାର ଋଣ ମିଳିପାରିବ ।

**୧୮. ବ୍ୟାଙ୍କ ଋଣ ମଞ୍ଜୁର ପାଇଁ ପ୍ରୋସେସିଂ ଦେୟ ନେଇ ଥାନ୍ତି କି?**

ଏହି ଋଣ ମଞ୍ଜୁର ପାଇଁ ଆବେଦନକାରୀଙ୍କୁ କୌଣସି ପ୍ରୋସେସିଂ ଦେୟ ଦେବାକୁ ପଡି ନଥାଏ ।

**୧୯. ଋଣ ନିମନ୍ତେ ବ୍ୟାଙ୍କରେ ବନ୍ଧକ ରଖିବା ଆବଶ୍ୟକ କି ?**

ଏହି ଋଣ ପାଇଁ ବ୍ୟାଙ୍କରେ କୌଣସି ବନ୍ଧକ ରଖିବାକୁ ପଡି ନଥାଏ।

**୨୦. ଏହି ଯୋଜନାରେ କେତେ ଟଙ୍କାର ଋଣ ମିଳିଥାଏ ?**

ଏହି ଯୋଜନାରେ ବିନା ସୁଧରେ ଏକ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ମିଳିଥାଏ ।

**୨୧. ଋଣ ନିମନ୍ତେ ଅବେଦନକାରୀଙ୍କୁ କୌଣସି ମୂଳ ଜମା (margin money) ଦାଖଲ କରିବାକୁ ପଡ଼ିଥାଏ କି ?**

ଆବେଦନକାରୀଙ୍କୁ ଋଣ ପରିମାଣର ୫% ମୂଳଜମା (Margin Money) ଆକାରରେ ବ୍ୟାଙ୍କରେ ଦାଖଲ କରିବାକୁ ପଡିଥାଏ । ଅବଶିଷ୍ଟ ୯୫ ହଜାର ଟଙ୍କାର ଋଣ ବିନା ସୁଧରେ ମିଳିଥାଏ ।

**୨୨. ଏହି ଯୋଜନାରେ କେତୋଟି କିସ୍ତିରେ ବ୍ୟାଙ୍କ ଋଣ ମିଳିଥାଏ ?**

ଏହି ଯୋଜନାରେ ସର୍ବାଧିକ ୨ ଟି କିସ୍ତିରେ ହିଁ ଋଣ ପ୍ରଦାନ କରାଯାଇଥାଏ ।

**୨୩. ଋଣଗ୍ରହୀତାଙ୍କୁ  କେତେ ବର୍ଷ ମଧ୍ୟରେ ଋଣ ସୁଝିବାକୁ ପଡିବ ?**

ଋଣଗ୍ରହୀତାଙ୍କୁ ୪ ବର୍ଷ ମଧ୍ୟରେ ଋଣ ପରିଶୋଧ କରିବାକୁ ପଡିବ ।

**୨୪. ଋଣ ପରିଶୋଧ ଅବଧିରେ କିଛି ରିହାତି ବ୍ୟବସ୍ଥା ରହିଛି କି?**

ଋଣ ପ୍ରଦାନକାରୀ ବ୍ୟାଙ୍କ / ଆର୍ଥିକ ଅନୁଷ୍ଠାନର ପ୍ରଚଳିତ ନିୟମାନୁଯାୟୀ ୩ ରୁ ୬ ମାସ ପର୍ଯ୍ୟନ୍ତ ଋଣ ପରିଶୋଧ ରିହାତି ଅବଧି ରହିଛି । ରିହାତି ଅବଧି ପରେ ହିତାଧିକାରୀଙ୍କୁ ନିୟମିତ ସଂପୃକ୍ତ ବ୍ୟାଙ୍କରେ ମାସିକ କିସ୍ତି ଜମା କରିବାକୁ ପଡିବ ।

**୨୬. ହିତାଧିକାରୀ ଇଚ୍ଛା କଲେ ଧାର୍ଯ୍ୟ ସମୟସୀମା ପୂର୍ବରୁ ଋଣ ପରିଶୋଧ କରିପାରିବେ କି ?**

ହିତାଧିକାରୀ ଇଚ୍ଛା କଲେ ଧାର୍ଯ୍ୟ ସମୟସୀମା ପୂର୍ବରୁ ଋଣ ପରିଶୋଧ କରିପାରିବେ । ଏଥିପାଇଁ ସେମାନେ ମାସିକ କିସ୍ତି ରାଶିକୁ ବଢାଇ ପାରିବେ । ଧାର୍ଯ୍ୟ ସମୟସୀମା ପୂର୍ବରୁ ଋଣ ପରିଶୋଧ କଲେ ବ୍ୟାଙ୍କଗୁଡିକ କୌଣସି ଜୋରିମାନା ଆଦାୟ କରିବେ ନାହିଁ ।

**୨୭. ଋଣଗ୍ରହୀତାମାନେ କେଉଁ କେଉଁ ବ୍ୟାଙ୍କ / ବିତ୍ତୀୟ ସଂସ୍ଥା ଠାରୁ ଋଣ ନେଇପାରିବେ ?**

କ୍ରେଡିଟ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟ ଫର୍ ମାଇକ୍ରୋ ଆଣ୍ଡ ସ୍ମଲ ଏଣ୍ଟରପ୍ରାଇଜେସ (CGTMSE) ଅଧୀନରେ ଆସୁଥିବା ସମସ୍ତ ରାଷ୍ଟ୍ରୀୟ ବ୍ୟାଙ୍କ, ନିର୍ଦ୍ଧାରିତ ଘରୋଇ ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଠାରୁ ଋଣଗ୍ରହୀତାମାନେ ଋଣ ନେଇପାରିବେ ।

**୨୮. ଏହି ଯୋଜନାରେ ବୀମା ବାବଦକୁ ଖର୍ଚ୍ଚ କେତେ ଏବଂ କିଏ ପ୍ରଦାନ କରିବେ ?**

ଏହି ଯୋଜନାରେ ବନ୍ୟା, ବାତ୍ୟା ଓ ଭୂମିକମ୍ପ ଆଦି ସମସ୍ତ ପ୍ରକାରର ଦୁର୍ବିପାକ ନିମନ୍ତେ ବ୍ୟାଙ୍କ ଦ୍ୱାରା ଘୋଷିତ ସମ୍ପତ୍ତି ମୂଲ୍ୟର ୧୧୦ ପ୍ରତିଶତ ରାଶି ବୀମା ପରିସରଭୁକ୍ତ ଅଟେ । ଏହି ବୀମା ଦେୟକୁ ଋଣ ନେଇଥିବା ବ୍ୟକ୍ତି ହିଁ ବହନ କରିବେ।

**୨୯. ଅଭିଯୋଗ ସମାଧାନ ପାଇଁ କଣ ବ୍ୟବସ୍ଥା ରହିଛି ?**

- ଆବେଦନକାରୀ ଜନ ଶୁଣାଣୀ ପୋର୍ଟାଲ janasunani.odisha.gov.in ରେ ଅଭିଯୋଗ ଦାଖଲ କରିପାରିବେ ।
- ସଂଯୋଗ ହେଲ୍ପ ଲାଇନ ନମ୍ବର -୧୫୫୩୩୫ ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ ।
- ସଂପୃକ୍ତ ଗ୍ରାମପଞ୍ଚାୟତ / ବ୍ଲକ / ଜିଲ୍ଲା /ରାଜ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ନିଜର ଅଭିଯୋଗ ଦାଖଲ କରିପାରିବେ ।